# ଲୋକେ ବୋଲିବେ କ'ଣ

ଚନ୍ଦା ମୁଣ୍ଡଟାକୁ ବାଁ ହାତରେ ଆଉଁଶି ଆଉଁଶି ମୁହଁ ତଳକୁ କରି ଗଣିଲା ପରି ପାଦ ପକାଇ ମାଗୁଣିଆ ତା' ଅଗଣା ଭିତରେ ବୁଲୁଥିଲା । ସେଥିରୁ ଜଣାପଡୁଥିଲା, ସେ କ'ଣ କରିବ ଠିକ୍ କରିପାରୁ ନ ଥିଲା । ଅଗଣା ପାଖ ପିଣ୍ଡାରେ କତରାଲଗା ହୋଇ ପଡ଼ିଥିବା ପ୍ରଣୟିନୀର ମୁହଁକୁ ବେଳେବେଳେ ସେ ଚାହୁଁଥିଲା ସତ; ମାତ୍ର ଚାହିଁବା ସଙ୍ଗେ ସଙ୍ଗେ ସେ ଆଡୁ ମୁହଁ ହଠାତ୍ ଅନ୍ୟ ଆଡ଼କୁ ଫେରାଉଥିଲା । ଯିବ କି ନ ଯିବ, କହିବ କି ନ କହିବ, କରିବ କି ନ କରିବ - ଏଇ ଗୋଟାଏ କନ୍ଦଳ ତା' ଭିତରେ ଗତ କେତେ ଘଣ୍ଟା ହେଲା ଚାଲିଥିଲା । ବେଳେବେଳେ ଦୀର୍ଘ ନିଃଶ୍ୱାସଟାଏ ପକାଇ ପଦେ ମାତ୍ର କହୁଥିଲା- 'ନା' । ସକାଳ ପହରୁ ସୂର୍ଯ୍ୟ ମୁଣ୍ଡ ଉପରକୁ ଉଠିବା ଭିତରେ ଏଇ 'ନା' ପଦକ ସେ ଅତି ଊଣା ପଚାଶ ଥର କହିଥିବ । ତଥାପି ସେ ଶେଷ ନିଷ୍ପତ୍ତିରେ ପହଞ୍ଚିପାରିଲା ନାହିଁ । ତା' ମନର ଏଇ ଦୋ-ଦୋପାଞ୍ଚ ଅବସ୍ଥାର ଅବସାନ କେବେ ହେବ, କିପରି ହେବ, ସେ ନିଜେ ବୁଝିପାରୁ ନ ଥିଲା । ବୁଝିପାରୁ ନ ଥିଲା ବୋଲି ସେ ବେଳେବେଳେ ପ୍ରଣୟିନୀ ମୁହଁକୁ ଚାହୁଁଥିଲା ଉତ୍ତର ପାଇଁ । ଉତ୍ତର ପାଇବା ପୂର୍ବରୁ ତା' ମନରେ ପୁଣି କ'ଣ ଭାବାନ୍ତର ଆସୁଥିଲା, ଆଉ କାହାର ନିଷ୍ପତ୍ତିକୁ ସେ ଗ୍ରହଣ କରିବ ନାହିଁ ବୋଲି ଠିକ୍ କରୁଥିଲା ।

ମାଗୁଣିଆ ଏପରି ଭାବରେ ବିଚଳିତ ହେବାର କାରଣ ଯେ ନ ଥିଲା, ତା' ନୁହେଁ । ଏପରି ଭାବିଲାବେଳେ ଦର୍ପଣ ପରି ତା' ଜୀବନର ଦୀର୍ଘ ତିରିଶି ବର୍ଷ ତଳର କଥା ଆଗେ ଆଗେ ତାକୁ ଦେଖାଯାଉଥିଲା । ଦେଖୁଥିଲା, ସେତେବେଳେ ତାର ଏ ବେଶବାସ ନ ଥିଲା । ଦୀନ ଦରିଦ୍ର ପରି ସେ ପରଦୁଆରୁ ମାଗିଆଣି ଚଳୁ ନ ଥିଲା । ଧନୁର୍ଦ୍ଧର ଭେଣ୍ଡା ଥିଲା ସେ । ବାହା ପିଟି ରୋଜଗାର ତ କରୁଥିଲା, ପୈତୃକ ସମ୍ପତ୍ତିକୁ ଦୁଇ ଭାଇ ମିଶି ବରଦାସ୍ତ କରି ଗାଆଁ ଭିତରେ ଖୁବ୍ ପ୍ରତିପତ୍ତି ବଢ଼ାଇପାରିଥିଲେ । ଯୋଡ଼ାକୁ ଘୋଡ଼ା ସରି ନୁହେଁ, ଏହି କଥାକୁ ଦୁଇ ଭାଇ ମିଶି ପ୍ରମାଣ କରୁଥିଲେ । ଦୁଇ ଭାଇଙ୍କର ବାହୁବଳ; କହିବାକୁ ଗଲେ ଭାଗ୍ୟବଳ ଏତେ ଜୋର୍ ଥିଲା ଯେ, ଗାଆଁରେ ତ ସମସ୍ତେ ତାଙ୍କୁ ଖାତିର୍ କରୁଥିଲେ, ବାଦବିବାଦ କଳିଗୋଳବେଳେ ଡରୁଥିଲେ ମଧ୍ୟ ।

ମାଗୁଣିଆ ତା'ର ଦଦରା କାଛବାଡ଼ ଓ ଚାଳଘର ଭିିତରେ ଯେ ବୁଲୁଥିଲା, ସେ କଥା ସେ ଭୁଲିଯାଇଥିଲା । ତାକୁ ଦିଶୁଥିଲା ଗୋଟିଏ ଗୌରବମୟ ଗ୍ରାମ୍ୟ ପରିବାରର ଉଜ୍ଜ୍ୱଳ ଛବି । ପରିବାରର ଅସ୍ତଛବି ଯେତେବେଳେ ତା' ଆଖିକୁ ଦେଖାଯାଉଥିଲା, ସେତେବେଳେ ସେ ଘୃଣାରେ, ଲଜ୍ଜାରେ, ଅପମାନରେ ମୁଣ୍ଡ ପୋତିଦେଉଥିଲା, ହତାଶ ଭାବରେ ଆକାଶକୁ ଚାହୁଁଥିଲା । ସେ ଦେଖୁଥିଲା ଅତୀତ । କେବେ ଅତୀତରେ ଗାଁ ପଧାନଘରର ଭାଇଭାଗ ବଣ୍ଟାରେ ଯେତେବେଳେ ଭାଇ-ଭାଇ ହଣାହଣି ହେବାର ଆଶଙ୍କା ହେଲା, ଏଇ ଦୁଇ ଭାଇ ମାଗୁଣିଆ ଓ ତାର ବଡ଼ଭାଇ- ମଝିରେ ବେକ ଦେଖାଇ ଠିଆହୋଇପଡ଼ି ସେଥିର ସମାଧାନ କରିଦେଇଥିଲେ ।

ମାଗୁଣିଆ ଦେଖିଲା, ତା' ମାନସ-ଚକ୍ଷୁରେ ଅତୀତର ଏଇପରି ଅନେକ କଥା । ଗାଁ କୋଠ ପୋଖରୀରୁ ରଥ ସାଆନ୍ତଙ୍କ ବଡ଼ପୁଅ ପାଣି ହାଣି ବିଲରେ ମଡ଼ାଇଲା ବୋଲି ଦାଶଘର ଠେଙ୍ଗା ଧରି ଠିଆହେଲେ । ସେତେବେଳେ ଏଇ ମାଗୁଣିଆର ଯୁଆନ୍ ପିଠି ଦାଶଘର ଠେଙ୍ଗାକୁ ତିନି ଥର ଥାନ ଦେଇ ଗାଆଁଟାକୁ ମାଲିମକଦ୍ଦମାରୁ ରକ୍ଷାକରିଥିଲା ।

ମାଗୁଣିଆ ଆଖିକୁ ଦେଖାଗଲା ଗାଁର ଜେନାଘର ବଡ଼ବୋହୂର ଦୁର୍ଦ୍ଦଶା କଥା । ଜେନାଙ୍କ ବଡ଼ପୁଅ ଅକାଳରେ ମଲା ପରେ ତା' ସ୍ତ୍ରୀକୁ ନାନା ଦୋଷ ଦେଇ ଘରୁ କାଢ଼ିଦିଆଗଲା । ତେତେବେଳେ ଏଇ ମାଗୁଣିଆ ପୁରୀ ଯାଇ ମହାପ୍ରସାଦ କୁଡୁଆ ଆଣି ଶାଶୂ-ବୋହୂଙ୍କ ଭିତରେ ପରମ ବିଶ୍ୱାସ ଜନ୍ମାଇ ଗୋଟାଏ ବଂଶକୁ ଦୁର୍ଦ୍ଦଶାରୁ ରକ୍ଷାକରିଥିଲା ।

ଏଇପରି ଅନେକ କଥା । ଅନେକ କଥା ମାଗୁଣିଆର ମନେପଡ଼ିଲା । ମାତ୍ର ଏବେ ମାଗୁଣିଆ ଦେଖିଲା, ତା' ଭାଇର ଶବ ପହରେ ହେଲା ପଡ଼ିଚି । ତାକୁ ନେବା ପାଇଁ ଗାଆଁର କେହି ହେଲେ ବାହାରୁ ନାହାନ୍ତି ! ଭାଇ ! ମାଗୁଣିଆର ଭାଇ ! -ଏ କଥା ବିଚାରିଦେଲା ମାତ୍ରେ ତାର ରୋମ ଟାଙ୍କୁରିଉଠିଲା । ବିଚାରିଲା, ସେ ପୁଣି ଭାଇ ମୋର ! ମୁଁ ପୁଣି ଭାଇ ତାର ! ଏ ଦରିଦ୍ର ବେଶ, ଏ ନିରନ୍ନ ପରିବାର, ଏ ବୁଭୁକ୍ଷୁ ସଂସାରକୁ ନେଇ ପୁଣି ତାକୁ ଭାଇ ବୋଲି ଡାକିବି ? ଶେଷରେ ମାଗୁଣିଆ କହିଲା - ନା' ।

ଏଇ ଶେଷ 'ନା' ପଦକ ମାଗୁଣିଆର ମୁହଁରୁ ଏପରି ଜୋର୍‌ରେ ବାହାରିଲା ଯେ, ବାରଣ୍ଡାରେ ମୁହଁ ମାଡ଼ି ପଡ଼ିଥିବା ତାର ମୁମୂର୍ଷୁ ପତ୍ନୀ ଆଖି ଫିଟାଇ ଚମକିଲା ପରି ଚାହିଁଲା । ମାଗୁଣିଆ ମଧ୍ୟ ନିଜ ପାଟିର କଥା ନିଜେ ଶୁଣି ଚମକିପଡ଼ିଲା ।

ପର ମୁହୂର୍ତ୍ତରେ ମାଗୁଣିଆ ମନରେ ଭାବାନ୍ତର ଆସିଲା । ଭାବିଲା - ଭାଇ ମରିଗଲା ! ତେବେ ଆଉ କାହା ସଙ୍ଗେ ବିବାଦ ? କେତେ ବିବାଦ ଯେ ତୁଟାଇଥିଲା, କେତେ ବିବାଦ ଯେ କରିଥିଲା, ସେ ତ ଚାଲିଗଲା !! ତେବେ ମୋର ବିବାଦ ଆଉ ରହିଲା କେଉଁଠି ? ଏକଥା ମୁଁ ଭାବିପାରୁନି ବୋଲି କ' ଣ ଆଉ କିଏ ଭାବୁଚି ? ଭାବୁଚି କ' ଣ ପଧାନ ବୁଢ଼ା ? ଭାବୁଚି କ' ଣ ରଥଘର ପୁଅ ? କାହିଁ, ଏମାନେ ତ ଏ ବିବାଦ ମେଣ୍ଟାଇ ପାରିନଥିଲେ; ବରଂ ନିଆଁରେ ପତଙ୍ଗ ପରି ଆମକୁ ପକାଇ ପୋଡ଼ି ମାରିପକାଇଲେ ।

ଏତିକିବେଳେ ବାରଣ୍ଡାରେ ଶୋଇଥିବା ରୋଗିଣୀ କ୍ଷୀଣକଣ୍ଠରେ କହିଲା - "ପାଣି, ଟୋପେ ପାଣି !" - ଦି' ଥର କହି ମାଗୁଣିଆ ଏକ ମାଟିଘଡ଼ିରୁ ତା' ମୁହଁରେ ପାଣି ଟିକିଏ ଦେଇ କହିଲା - "ଏପର୍ଯ୍ୟନ୍ତ ମଧ୍ୟ ଶବ କାଢ଼ିବାକୁ କିଏ ଆସିଲେ ନାହିଁ !!"

ରୋଗିଣୀ କ୍ଷୀଣ କଣ୍ଠରେ କହିଲା - "କହୁଚି, ତୁମେ ଯାଅ ।" ମାଗୁଣିଆ ଥକା ହେଲାପରି ଠିଆହେଲା । ମନ ଭିତରେ ଖୁବ୍ ଜୋର୍‌ରେ ତାର ଶୁଭିଲା - ତୁମେ ଯାଅ । ଭାବିଲା - ଶେଷକୁ ଏ ମଧ୍ୟ କହିଲା, ତୁମେ ଯାଅ । ପାଟିକରି କହିଲା - "ଶାରିଆ, ତୁ ଜାଣିଚୁ କାହା ଘେନି ମୋର ଏ ଅବସ୍ଥା ? ଶେଷରେ ଘଡ଼ିଟିକରେ ପାଣି ତୋ' ମୁହଁରେ ଦେବାକୁ ପଡ଼ିଲା । ତୁ ମଧ୍ୟ ସେଇ କଥା କହୁଛୁ ?"

ଶାରିଆ ଛଟପଟ ହେଲାପରି କଡ଼ ଲେଉଟାଇ ଉତ୍ତର ଦେଲା - "ହଁ, ନ ହେଲେ ଆଉ କିଏ ଯିବ ? ତୁମ ବିବାଦ ତ ଏବେ ମେଣ୍ଟିଲା । ସେ ତ ଚାଲିଗଲେ, ଆଉ କାହାପାଇଁ ଏତେ ରାଗ, ଅଭିମାନ ? ଏତେବେଳେ ଇମିତି ରହିଲେ ଲୋକେ ବୋଲିବେ କ' ଣ ?

ମାଗୁଣିଆ ପଥର ମୂର୍ତ୍ତି ପରି ଠିଆହେଲା । ଶାରିଆର ଶେଷ ପଦକ ମନ ଭିତରେ ଧକ୍କା ଦେଲା ପରି ଲାଗିଲା - 'ଲୋକେ ବୋଲିବେ କ' ଣ ?' ଦୁଇ ପାହୁଣ୍ଡ ଆଗକୁ ଗଲା; ଦାଣ୍ଡ ପାଖକୁ ଯାଇ ପଛକୁ ଫେରିଆସିଲା । କାନ ପାଖେ ବାଜିଲା ସେଇ କଥା - 'ଲୋକେ ବୋଲିବେ କ' ଣ ?'

ସେ ନ ଶୁଣିବାକୁ ଚେଷ୍ଟା କଲା । ଶାରିଆ ମୁହଁ ବୁଲେଇ କଚରା ଖଣ୍ଡକରେ ପଡ଼ିଚି । ହଲ ନାଇଁ, ଚଲ ନାଇଁ । ମୁହଁକୁ ଟିକିଏ ତାର ଚାହିଁଲା । ଦେଖିଲା ଓଠରେ ତାର କଥାର ସ୍ପନ୍ଦନ ନାଇଁ । ତଥାପି ସେ କହିଲା ପରି ତାକୁ ଶୁଭିଲା - 'ଲୋକେ ବୋଲିବେ କ' ଣ ?' ସେତିକିବେଳେ ଘରର ବିରାଡ଼ିଟା ମ୍ୟାଉଁ ମ୍ୟାଉଁ ହୋଇ କୁଆଡୁ ଚାଲିଆସିଲା । ତାର ସ୍ୱର ଶୁଣି ମାଗୁଣିଆ ବୁଝିଲା, ସତେ ବା ବିରାଡ଼ିଟା କହୁଚି- 'ଲୋକେ ବୋଲିବେ କଣ ?' ଦାଣ୍ଡତାଟି ଫିଟାଇ ଦାଣ୍ଡକୁ ଚାହିଁଲା । ଗାଈ ଖୋଜୁଥିଲା ତା' ଛୁଆକୁ 'ହମା' ବୋଲି । ସେହି ଦୀର୍ଘ କର୍କଶ ସ୍ୱରରୁ ସେ ବୁଝିଲା, ଗାଈ ଅବା କହୁଛି - 'ଲୋକେ ବୋଲିବେ

କଣ ?' ଦେଖିଲା, ସାଇ ପିଣ୍ଡାରେ ଲୋକେ ବସି କ' ଣ କଥାବାର୍ତ୍ତା ହେଉଛନ୍ତି । ତାର ସନ୍ଦେହ ହେଲା, ଲୋକେ କାହିଁକି କ' ଣ ତୁନି ତୁନି କଥାବାର୍ତ୍ତା ହେଉଛନ୍ତି - 'ଆଚ୍ଛା, ଏ ଶବ ପଡ଼ିରହିଲେ ଲୋକେ ବୋଲିବେ କଣ ?'

'ଲୋକେ ବୋଲିବେ କଣ' - ଭାବି ଭାବି ମାଗୁଣିଆ କେତେବେଳେ ଯେ ଚାଲି ଭାଇ ଘର ଦୁଆର ଡେଇଁ ଭାଇ ଶବପାଖେ ଠିଆହୋଇଚି, ଜାଣି ନାହିଁ । ଯନ୍ତ୍ରଚାଳିତ ପରି ସେ ଚାଲିଗଲା; କାହାକୁ ଅପେକ୍ଷା କଲାନାହିଁ, କାହାକୁ ପ୍ରଶ୍ନ ପଚାରିଲା ନାହିଁ, କାହା କଥା ଶୁଣିଲା ନାହିଁ । କେବଳ ଗୋଟାଏ କଥା ତା' କାନପାଖେ ବାଜୁଥିଲା - 'ଲୋକେ ବୋଲିବେ କ' ଣ ?' ସଂସାରର ସକଳ ସ୍ୱର-ଶବ୍ଦ ସେତେବେଳେ ସେଇ ଗୋଟାଏ ପ୍ରଶ୍ନ ଭିତରେ ତା' ଚିତ୍ତତଳେ ଜମାଟ ବାନ୍ଧି ରହିଥିଲା । 'ଲୋକେ ବୋଲିବେ କ' ଣ' ବିଚାରି ସେ ଏକାକୀ ଶବଟାକୁ ଟେକି କାନ୍ଧରେ ଧଇଲା । ଘରେ ସମସ୍ତେ କାନ୍ଦିଉଠିଲେ । ସେ କହିଲା - "ତୁନି ହୁଅ, ଲୋକେ ବୋଲିବେ କ' ଣ ?"

ମଶାଣିପଡ଼ିଆରେ ଯେତେବେଳେ ତରୁଶ୍ରେଣୀର ସୀମା ପାରହୋଇ ଧୂଆଁ କୁଣ୍ଡଳୀ ଆକାରରେ ଉପରକୁ ଉଠି ନୀଳ ଆକାଶକୁ ଆଚ୍ଛନ୍ନ କରିପକାଇଲା, ମାଗୁଣିଆ ସେତେବେଳେ ଉପରକୁ ଆଁ କରି ଚାହିଁରହି ସେହି ଧୂଆଁ ଭିତରେ ଦେଖିଲା - ତା' ଅତୀତର ସକଳ ବାଦବିବାଦ କୁଆଡେ ସବୁ ଧୂଆଁପରି ମିଳେଇଯାଉଚି ।

ଏ ଘଟଣାର କେତେ ଦିନ ପରେ ମାଗୁଣିଆ ଯେତେବେଳେ ଭାଇ ଘର ଓ ନିଜ ଘରର ଭାଇ ଭାଗବଣ୍ଟା ବାଡ଼ ଭାଙ୍ଗି ଦି' ଘରକୁ ଏକାଠି କରି ଦାଣ୍ଡ ପିଣ୍ଡାରେ ବସିଲା, ଗାଁର ମାମଲତକାର ବିଶୁ ପଧାନ ମୁରୁକିହସା ଦେଇ ପଚାରିଲେ - "କିରେ ମାଗୁଣିଆ, ଏ କ' ଣ ?" ମାଗୁଣିଆ କହିଲା - "ଭାଇ ପରା ଚାଲିଗଲା; ଏବେ ଇମିତି ନ ହେଲେ ଲୋକେ ବୋଲିବେ କ'ଣ ?"

ପଧାନେ କହିଲେ - "ମଶାଣି ପଡ଼ିଆରେ କାହା କାହାର ମୁଣ୍ଡ ଇମିତି ବିଗିଡ଼ି ଯିବାର ଆଗରୁ ଦେଖାଅଛି ।"